ମେସର୍ସ ବିହାର ଷ୍ଟେଟ୍ ଫୁଡ୍ ଆଣ୍ଡ ସପ୍ଲାଇଜ୍ କର୍ପୋରେସନ୍ ଲିମିଟେଡ୍

ବନାମ

ମେସର୍ସ ଗଦ୍ରେଜ୍ ସୋପ୍ସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଅନ୍ୟମାନେ

ଡିସେମ୍ବର 2, 1996

[କେ.ରାମାସ୍ୱାମୀ ଏବଂ ଜି.ଟି.ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908 :*

*ଧାରା 25- ମକଦ୍ଦମା- ସ୍ଥାନାନ୍ତରଣ - ପାଟନାର ଅଧସ୍ତନ ବିଚାରପତିଙ୍କ ସମ୍ମୁଖରେ ବିଚାରାଧୀନ ମକଦ୍ଦମା- ପାଟନାରୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶନାମା ମାମଲାଗୁଡ଼ିକୁ ବମ୍ବେ ଉଚ୍ଚ ନ୍ୟାୟାଳୟର ମୂଳ ପକ୍ଷ ସମ୍ମୁଖରେ ବିଚାରାଧୀନ ଅନ୍ୟ ଏକ ମାମଲା ସହିତ ସ୍ଥାନାନ୍ତର ଏବଂ ବିଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି- ଉଚ୍ଚ ନ୍ୟାୟାଳୟର ଡିକ୍ରି ପୂର୍ବରୁ ବିଚାରାଧୀନ ମାମଲା ଯାହା ବିରୁଦ୍ଧରେ ଅପିଲ ବିଚାରାଧୀନ ଥିଲା ତାହା ପରେ ଅପିଲକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ଯେ, ପୂର୍ବରୁ ସ୍ଥାନାନ୍ତରିତ ହୋଇଥିବା ମକଦ୍ଦମାକୁ ଅଧସ୍ତନ ବିଚାରପତି ପାଟନାଙ୍କୁ ସ୍ଥାନାନ୍ତର କରାଯାଉ – ଯେଉଁ ଆଧାରରେ ଯେ, ସଂଯୁକ୍ତ ଶୁଣାଣୀ ପାଇଁ ଆଦେଶ ଦେଇଥିଲେ, ତାହା ପୂରଣ ହୋଇଗଲା- ଏହି ନିର୍ଣ୍ଣୟ ଦିଆଗଲା ଯେ, ତଥ୍ୟ ଓ ପରିସ୍ଥିତି ତଥା ଦୁଇପକ୍ଷ ଦୁଇଟିଯାକ ମାମଲାରେ ସମାନ ଥିବାରୁ, ପୁନର୍ବାର ପାଟନାର ଅଧସ୍ତନ ବିଚାରପତିଙ୍କ ନ୍ୟାୟାଳୟଙ୍କୁ ମାମଲା ସ୍ଥାନାନ୍ତର କରିବା ପରିବର୍ତ୍ତେ, ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର ମୂଳ ପକ୍ଷର ବିଚାରପତି ଏହି ନିର୍ଦ୍ଦେଶ ପାଇବା ତାରିଖରୁ ଛଅ ସପ୍ତାହ ମଧ୍ୟରେ ଆବଶ୍ୟକୀୟ ପ୍ରସଙ୍ଗ ସ୍ଥିର କରିବା ଉଚିତ - ପ୍ରସଙ୍ଗ ସ୍ଥିର ହେବାର ଚାରି ସପ୍ତାହ ମଧ୍ୟରେ ଦୈନନ୍ଦିନ ମକଦ୍ଦମା ବିଚାର କରିବା ଉଚିତ ।*

ଦେୱାନୀ ମୂଳ ଅଧିକାରିତା : ସ୍ଥାନାନ୍ତରଣ ଆବେଦନ (ସି) ସଂଖ୍ୟା- 458/ 1995 ।

(ଦେୱାନୀ ପ୍ରକ୍ରିୟା ସଂହିତାର ଧାରା- 25 ଅଧୀନରେ) ।

ଆବେଦନକାରୀଙ୍କ ପାଇଁ ପି.ପି. ରାଓ, ଟି.ଦୟାଲ ଏବଂ ଆର୍. ମୁଖର୍ଜୀ ।

ଉତ୍ତରଦାତାଙ୍କ ପାଇଁ ସୋଲି ଜେ.ସୋରାବଜୀ, ଡି.ଏ.ଡାବେ, ରବିନ୍ଦର ନାରାୟଣ, ସୁଶ୍ରୀ ନିଶା ବାଗ୍ଚୀ, ରାଜନ ନାରାୟଣ, ଏମ୍. ବାସୁଦେବ, ବି.ବି.ସିଂହ, ପ୍ରତାପ ବେଣୁଗୋପାଳ ଏବଂ କେ.ଜେ.ଜନ୍ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା :

ଉଭୟ ପକ୍ଷମାନଙ୍କର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିବା ପରେ, ଆମେ ଭାବୁଚୁ ଯେ, ମକଦ୍ଦମାକୁ ସ୍ଥାନାନ୍ତରଣ କରିବା ପରିବର୍ତ୍ତେ, ନିମ୍ନଲିଖିତ ଆଧାର ନ୍ୟାୟର ଉଦ୍ଦେଶ୍ୟ କୁ ପୂର୍ଣ୍ଣ କରିବ ।

ବିହାର ଷ୍ଟେଟ୍ ଫୁଡ୍ ଆଣ୍ଡ ସପ୍ଲାଇଜ୍ କର୍ପରେସନ୍ ଲିମିଟେଡ୍ ବନାମ ଗଦ୍ରେଜ୍ ସୋପ୍ସ୍ ପ୍ରାଇଭେଟ୍ ଲିମିଟେଡ୍

ପାଟନାର ଅଧସ୍ତନ ବିଚାରପତିଙ୍କ ଫାଇଲରେ ପଡ଼ି ରହିଥିବା ଦେୱାନୀ ମକଦ୍ଦମା ସଂଖ୍ୟା - 336/79କୁ ଏହି ନ୍ୟାୟାଳୟଙ୍କ 15 ଫେବୃଆରୀ 1984 ତାରିଖର ଏକ ଆଦେଶ ଦ୍ୱାରା ବମ୍ବେ ଉଚ୍ଚ ନ୍ୟାୟାଳୟର ମୂଳ ପାର୍ଶ୍ୱରେ ପଡ଼ି ରହିଥିବା ମକଦ୍ଦମା ସଂଖ୍ୟା- 1028/78 ସହିତ ବିଚାର ପାଇଁ ସ୍ଥାନାନ୍ତର କରାଯାଇଥିଲା । ଏହା ଏବେ ବିବାଦରେ ନାହିଁ ଯେ, ଯଦିଓ ମକଦ୍ଦମା ସଂଖ୍ୟା-1028/78 ସ୍ଥାନାନ୍ତରିତ ମକଦ୍ଦମା ସହିତ ପୋଷ୍ଟ କରାଯାଇଥିଲା ଯାହା ମକଦ୍ଦମା ସଂଖ୍ୟା – 394/89 ଭାବରେ ସଂଖ୍ୟାଙ୍କିତ ଥିଲା, ଏବଂ ସେଗୁଡ଼ିକୁ କିଛି ସମୟ ପାଇଁ ସ୍ଥଗିତ ରଖାଯାଇଥିଲା - ମକଦ୍ଦମା ସଂଖ୍ୟା – 1028/78 ରେ ପ୍ରମାଣ ଉପସ୍ଥାପନ କରାଯାଇଥିଲା ଏବଂ ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା ଡିକ୍ରି କରାଯାଇଥିଲା। - ଏକ ଅପିଲ ଦାଖଲ କରାଯାଇଥିଲା ଏବଂ ଆମକୁ ସୂଚନା ଦିଆଯାଇଛି ଯେ, ଅପିଲ ପରିସମାପ୍ତି ପାଇଁ ବିଚାରାଧୀନ ଅଛି ।

ଏହା ଦେଖାଯାଉଛି ଯେ, ୟୁକୋ ବ୍ୟାଙ୍କ ମଧ୍ୟ ଏକ ଅପିଲ ଦାଖଲ କରିଛି ଏବଂ ତାହା ମଧ୍ୟ ବିଚାରାଧୀନ ଅଛି । ମକଦ୍ଦମା ସଂଖ୍ୟା- 1028/78ର ପରିସମାପ୍ତି ପରେ, ବର୍ତ୍ତମାନ ଆପିଲକାରୀମାନେ ମକଦ୍ଦମା ସଂଖ୍ୟା- 294/89କୁ ବିଚାର ପାଇଁ ପାଟନାର ଅଧସ୍ତନ ବିଚାରପତିଙ୍କ ନଥିକୁ ସ୍ଥାନାନ୍ତର କରିବା ପାଇଁ ଏହି ଆବେଦନ ଦାଖଲ କରିଛନ୍ତି ଯେ, ମିଳିତ ବିଚାର ପାଇଁ ଏହି ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଏହାର ଉଦ୍ଦେଶ୍ୟ ପୂରଣ କରିଦେଇଛି ଏବଂ ମକଦ୍ଦମା ସଂଖ୍ୟା- 394/89 କୁ ସେହି ପ୍ରସଙ୍ଗ ଉପରେ ବିଚାର କରିବାକୁ ପଡ଼ିବ ଯାହା ମକଦ୍ଦମା ସଂଖ୍ୟା- 1028/78 ରେ ଅନ୍ତର୍ଭୁକ୍ତ ନୁହେଁ । ଉଭୟ ମକଦ୍ଦମାରେ ସମାନ ପକ୍ଷମାନଙ୍କ ମଧ୍ୟରେ ଥିବା ବିବାଦର ପ୍ରକୃତି ଏବଂ ତଥ୍ୟକୁ ଦୃଷ୍ଟିରେ ରଖି, ପାଟନାର ଅଧସ୍ତନ ବିଚାରପତିଙ୍କ ନ୍ୟାୟାଳୟକୁ ମକଦ୍ଦମା ସଂଖ୍ୟା- 394/89 ସ୍ଥାନାନ୍ତର କରିବା ପରିବର୍ତ୍ତେ, ମୂଳ ପକ୍ଷର ବିଜ୍ଞ ବିଚାରପତିଙ୍କୁ, ଏହି ଆଦେଶ ପାଇବା ତାରିଖରୁ ଛଅ ସପ୍ତାହ ମଧ୍ୟରେ ମକଦ୍ଦମା ସଂଖ୍ୟା- 394/89 ରେ ଆବଶ୍ୟକୀୟ ପ୍ରସଙ୍ଗ ସ୍ଥିର କରିବାକୁ ଅନୁରୋଧ କରାଯାଉଛି । ଯଦି ପ୍ରାସଙ୍ଗିକ ଦସ୍ତାବିଜଗୁଡ଼ିକ ପୂର୍ବରୁ ଦାଖଲ ହୋଇସାରିଛି କିମ୍ବା କୌଣସି ଅତିରିକ୍ତ ଦସ୍ତାବିଜ ଆବଶ୍ୟକ ହୁଏ, ତେବେ ତାହା ପରବର୍ତ୍ତୀ ଦୁଇ ସପ୍ତାହ ମଧ୍ୟରେ ଦାଖଲ କରାଯାଇପାରିବ । ବିଜ୍ଞ ପରୀକ୍ଷଣ ନ୍ୟାୟାଧୀଶଙ୍କୁ ଅନୁରୋଧ କରାଯାଉଛିକି, ଯେଭଳି ପୂର୍ବେ କୁହାଗଲା ସେଭଳି ଦୈନନ୍ଦିନ ଶୁଣାଣୀ କରି ସାକ୍ଷୀ ପ୍ରମାଣ ଗ୍ରହଣ କରିବା ପରେ ସେସବୁ ନଥି ସହିତ ଅପିଲ ସଂଖ୍ୟା- 20 ଏବଂ 120/95 ସହିତ ବିଚାର ପାଇଁ ଖଣ୍ଡପୀଠକୁ ପଠାଇବେ, ଯାହା ଦ୍ୱାରା ବିଚାରରେ ବିରୋଧାଭାଷକୁ ଏଡ଼ାଯାଇପାରିବ । ମାମଲାର ଶୀଘ୍ର ପରିସମାପ୍ତି କରାଯାଇପାରିବ । ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ପ୍ରମାଣ ଯୋଗାଡ଼ କରିବା ପାଇଁ ନଥି ପ୍ରାପ୍ତ ହେବା ପରେ ଖଣ୍ଡ ପୀଠ ସମ୍ମୁଖରେ ଅନୁରୋଧ କରିବାକୁ ସ୍ୱାଧୀନତା ଦିଆଯାଇଛି ।

ଏହିପରି ସ୍ଥାନାନ୍ତରଣ ଆବେଦନର ପରିସମାପ୍ତି କରାଯାଉଛି ।

ଟି.ଏନ୍.ଏ

ଆବେଦନକୁ ପରିସମାପ୍ତି କରାଯାଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**